# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**11 March – 2026**

## ରନ୍ଧନ ଗ୍ୟାସ୍

ରାଜ୍ୟରେ ରନ୍ଧନ ଗ୍ୟାସ୍, ପେଟ୍ରୋଲ ଓ ଡିଜେଲ ଯୋଗାଣ ନେଇ କୌଣସି ସମସ୍ୟା ନଥିବା ତୈଳ ଯୋଗାଣକାରୀ କମ୍ପାନୀଗୁଡ଼ିକ ରାଜ୍ୟ ସରକାରଙ୍କୁ ଜଣାଇଛନ୍ତି । ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଗତକାଲି ମୁଖ୍ୟଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରୁ ରାଜ୍ୟରେ ଯଥେଷ୍ଟ ପରିମାଣର ରନ୍ଧନ ଗ୍ୟାସ୍ ଉପଲବ୍ଧ ଥିବା ଜଣାପଡ଼ିଛି । ରନ୍ଧନ ଗ୍ୟାସ୍ ଓ ଇନ୍ଧନ କ୍ଷେତ୍ରରେ ଯୋଗାଣ ଶୃଙ୍ଖଳରେ ସନ୍ତୁଳନ ବଜାୟ ରଖିବା ସହ ନିୟମିତ ରିପୋର୍ଟ ଦେବାକୁ ମୁଖ୍ୟ ଶାସନ ସଚିବ ତୈଳ କମ୍ପାନୀ କର୍ତ୍ତୃପକ୍ଷଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି ।

## ପିଏମ୍ କିଷାନ ସମ୍ମାନ ନିଧି

ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧିର ୨୨ତମ କିସ୍ତି ଆସନ୍ତା ୧୩ ତାରିଖ ଶୁକ୍ରବାର ଦିନ ପ୍ରଦାନ କରାଯିବ । ସୂଚନା ଅନୁଯାୟୀ ୯ କୋଟି ୩୨ ଲକ୍ଷ କୃଷକଙ୍କ ବ୍ୟାଙ୍କ ଖାତାକୁ ୧୯ ହଜାର କୋଟିରୁ ଅଧିକ ଟଙ୍କା ଏହି କିସ୍ତିରେ ପ୍ରଦାନ କରାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସାମର ଗୁଆହାଟୀରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ହିତାଧିକାରୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଡିଜିଟାଲ ଜରିଆରେ ଅର୍ଥରାଶି ପ୍ରଦାନ କରିବେ । ୨୦୧୯ ମସିହା ଫେବୃୟାରୀ ମାସରୁ କେନ୍ଦ୍ର ସରକାର ପିଏମ୍ କିଷାନ ସମ୍ମାନ ନିଧି

ଯୋଜନାରେ ବର୍ଷକୁ ୩ଟି କିସ୍ତିରେ କୃଷକମାନଙ୍କୁ ୬ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି ।

## ଟାଉନ୍‌ସିପ୍ ପ୍ରତିଷ୍ଠା

ଉଚ୍ଚଶିକ୍ଷା ଗବେଷଣା ନୂତନତା ଏବଂ ସହରୀ ବିକାଶକୁ ସମନ୍ୱିତ କରି ପ୍ରମୁଖ ଶିଳ୍ପ ତଥା ଅର୍ଥନୈତିକ କରିଡର ନିକଟରେ ବିଶ୍ୱବିଦ୍ୟାଳୟ ଟାଉନ୍‌ସିପ୍ ପ୍ରତିଷ୍ଠା କରାଯିବା ଉପରେ ଓଡ଼ିଶା ଗୁରୁତ୍ୱାରୋପ କରିଛି । କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ  ବଜେଟ୍ ପରବର୍ତ୍ତୀ ଜାତୀୟ ସ୍ତରୀୟ ୱେବିନାରରେ ଅଂଶଗ୍ରହଣ କରି ରାଜ୍ୟ ସରକାରଙ୍କ ପକ୍ଷରୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ବିଶ୍ୱବିଦ୍ୟାଳୟ ଟାଉନ୍‌ସିପ୍ ପ୍ରତିଷ୍ଠା ନେଇ ଯୁକ୍ତି ଉପସ୍ଥାପନ କରିଛନ୍ତି । ୨୦୨୬-୨୭ କେନ୍ଦ୍ରୀୟ ବଜେଟରେ ୫ଟି ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ଟାଉନ୍‌ସିପ ସ୍ଥାପନ ପାଇଁ ପ୍ରସ୍ତାବ ରହିଛି । ଶିକ୍ଷା ଭିତ୍ତିକ ସହରୀ ବିକାଶ ପାଇଁ ଓଡ଼ିଶା ସଂପୂର୍ଣ୍ଣ ପ୍ରସ୍ତୁତ ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି ।

## ଅମୃତ ଭାରତ ଟ୍ରେନ୍

ରେଳ ସଂଯୋଗୀକରଣକୁ ଗୁରୁତ୍ୱ ଦେଇ ଓଡ଼ିଶାରୁ ପୋଡନୁର ଏବଂ ଧାନବାଦକୁ ଅମୃତଭାରତ ଟ୍ରେନ୍ ସେବା ଆରମ୍ଭ ହେବ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ପତ୍ର ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏହି

ନିଷ୍ପତ୍ତି ନେଇ ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଓଡ଼ିଶା-ତାମିଲନାଡୁ-ଝାଡ଼ଖଣ୍ଡ ମଧ୍ୟରେ ରେଳସେବାକୁ ଏହା ସୁଦୃଢ଼ କରିବ ବୋଲି ଜଣାପଡ଼ିଛି । ନୂଆ ଅମୃତଭାରତ ଟ୍ରେନ୍ ଆରମ୍ଭ ହେବା ଦ୍ୱାରା ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଯାତ୍ରୀମାନେ ଉପକୃତ ହେବେ ।

## ଓଡ଼ିଆ ଭାଷା ଦିବସ

ଶାସ୍ତ୍ରୀୟ ମାନ୍ୟତା ପାଇଥିବା ଓଡ଼ିଆ ଭାଷାର ବହୁଳ ବ୍ୟବହାର ଏବଂ ଏ ଦିଗରେ ସଚେତନତା ସୃଷ୍ଟି ଲାଗି ଆଜି ପାଳିତ ହେଉଛି ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅବସରରେ ଶୁଭେଚ୍ଛା ଜଣାଇବା ସହ ଓଡ଼ିଆ ଭାଷା ଆମ ଗୌରବ ଓ ଅସ୍ମିତା ବୋଲି କହିଛନ୍ତି । ସେ କହିଛନ୍ତି, ଆମ ଭାଷାର ସୁରକ୍ଷା ଓ ପ୍ରସାର ଦ୍ୱାରା ହିଁ ଆମ ପରମ୍ପରା, ସଂସ୍କୃତି ଓ ଐତିହ୍ୟ ସୁରକ୍ଷିତ ରହିବ । ଓଡ଼ିଆଭାଷାର ସ୍ୱତନ୍ତ୍ରତା ଓ ଗରିମାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଉଦ୍ୟମ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ଶ୍ରୀମାଝୀ ଆହ୍ୱାନ ଦେଇଛନ୍ତି ।

## ହାଇକୋର୍ଟ ସ୍ଥଗିତାଦେଶ

ରାଜ୍ୟରେ ତମାଖୁ, ଗୁଟ୍‌ଖା, ପାନ ମସଲାର ଉତ୍ପାଦନ, ପ୍ରସ୍ତୁତି ଓ ବିକ୍ରୟ ଉପରେ ରାଜ୍ୟ ସରକାର ଜାରି କରିଥିବା ପ୍ରତିବନ୍ଧକ ଉପରେ ଓଡ଼ିଶା ହାଇକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ବିରୋଧ କରି ଆଗତ ଆବେଦନର ଶୁଣାଣି କରିବା ସହିତ ହାଇକୋର୍ଟ ଆସନ୍ତା ଏପ୍ରିଲ୍ ୧୦ ତାରିଖରେ ପରବର୍ତ୍ତୀ ଶୁଣାଣି କରିବେ ।

# ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲା ସଂସ୍କୃତି ଭବନରେ ଦୁଇଦିନିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଓଡ଼ିଆ ଭାଷାର ବ୍ୟବହାରକୁ ସୁଦୃଢ଼ କରିବା ଏବଂ ସରକାରୀ ଦଲିଲ, ନୋଟିସ ଏବଂ ଦୈନନ୍ଦିନ କାର୍ଯ୍ୟରେ ସଠିକ୍ ବ୍ୟବହାର କରିବା ନେଇ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ।

# ଧାନ ସଂଗ୍ରହ

କେନ୍ଦ୍ରାପଡ଼ା ଜିଲ୍ଲାରେ ୨୦୨୫-୨୬ ଖରିଫ୍ ବର୍ଷ ଧାନ ସଂଗ୍ରହ ସଂପର୍କରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପାଇଁ ୧୬ଲକ୍ଷ ୧୨ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ରହିଥିବା ବେଳେ ଏପର୍ଯ୍ୟନ୍ତ ୩୭ ହଜାର ୩୯୯ ଜଣ ଚାଷୀ ୧୨ ଲକ୍ଷ ୬୧ ହଜାର ୪୭୩ କ୍ୱିଣ୍ଟାଲ ଧାନ ବିକ୍ରି କରିଛନ୍ତି । ଜିଲ୍ଲାର ୧୧୮ଟି ସେବା ସମବାୟ ସମିତି ଅଧୀନରେ ୧୨୨ଟି ମଣ୍ଡି ମାଧ୍ୟମରେ ଧାନ ସଂଗ୍ରହ କାର୍ଯ୍ୟ ଜାରି ରହିଛି। ଚଳିତମାସ ୩୧ ତାରିଖ ପର୍ଯ୍ୟନ୍ତ ଧାନ ସଂଗ୍ରହ କାର୍ଯ୍ୟ ଜାରି ରହିବ ବୋଲି ଜଣାପଡ଼ିଛି ।

# ସୁଭଦ୍ରା ଶକ୍ତିମେଳା

ନୂଆପଡ଼ା ଜିଲ୍ଲା ସଦର ମହକୁମାସ୍ଥିତ ନ୍ୟାଶନାଲ୍ କଲେଜ ପଡ଼ିଆରେ ସୁଭଦ୍ରା ଶକ୍ତିମେଳା ଆରମ୍ଭ ହୋଇଛି । ମହିଳା ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକର ବିଭିନ୍ନ ଉତ୍ପାଦକୁ ଲୋକଲୋଚନକୁ ଆଣିବା ଏବଂ ସେଗୁଡ଼ିକର ବିକ୍ରି ପାଇଁ ଷ୍ଟଲ୍ ଖୋଲାଯାଇଛି । ଅତିଥିମାନେ ବିଭିନ୍ନ ଷ୍ଟଲ ପରିଦର୍ଶନ କରିଥିବା ବେଳେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

---

## ରାଷ୍ଟ୍ରୀୟ ଲୋକ ଅଦାଲତ

**କଟକ** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଓ ସମସ୍ତ ତାଲୁକ୍ ଆଇନ୍‌ସେବା କମିଟି ପରିସରରେ ଆସନ୍ତା ୧୪ ତାରିଖ ଶନିବାର ପୂର୍ବାହ୍ଣ ୧୦ଘଟିକା ସମୟରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଲୋକ୍ ଅଦାଲତରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରାଧିନ ମକଦ୍ଦମାର ଆପୋଷ ସହମତିରେ ସମାଧାନ କରାଯିବ।

---

# ମୁଖ୍ୟମନ୍ତ୍ରୀ କପ୍ କବାଡ଼ି

ନବରଙ୍ଗପୁର ଜିଲ୍ଲାରେ ଆସନ୍ତା ୨୦ ଓ ୨୧ ତାରିଖରେ ଆନ୍ତଃକ୍ଲବ ମୁଖ୍ୟମନ୍ତ୍ରୀ କପ୍ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜିଲ୍ଲା କ୍ରୀଡ଼ାସଂଘ ଆନୁକୂଲ୍ୟରେ ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗରେ ଜିଲ୍ଲାର ବିଭିନ୍ନ କ୍ଲବ ମଧ୍ୟରେ ନବରଙ୍ଗପୁର ଷ୍ଟାଡିୟମରେ ଲିଗ୍ ମ୍ୟାଚ୍ ହେବା ସହ ୨୨ ତାରିଖରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ।

---

# ପାଣିପାଗ

ଦକ୍ଷିଣ ଝାଡ଼ଖଣ୍ଡ ଉପରେ ଏକ ସକ୍ରିୟ ଘୂର୍ଣ୍ଣିବଳୟ ତଥା ଆଭ୍ୟନ୍ତରୀଣ ଓଡ଼ିଶାରେ ଏକ ଟ୍ରଫ୍ ଲାଇପ୍ ବ୍ୟାପିଥିବାରୁ ଏହାର ପ୍ରଭାବରେ ଉତ୍ତର ଓଡ଼ିଶାର କେତେକ ଅଞ୍ଚଳରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ମୟୂରଭଞ୍ଜର ଚନ୍ଦନପୁରରେ ସର୍ବାଧିକ ୧୫ ଦଶମିକ ୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଗତକାଲି ୮ଟି ସହରର ତାପମାତ୍ରା ୩୭ ଡିଗ୍ରୀରୁ ଅଧିକ ରହିଥିଲା । ଝାରସୁଗୁଡ଼ାଠାରେ ସର୍ବାଧିକ ୩୯ ଦଶମିକ ୨ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରାଯାଇଥିଲା ।

---